# PM's departure statement ahead of his visit to Bangladesh

March 25, 2021

---

## ବାଙ୍ଗଲାଦେଶ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

**ମାର୍ଚ୍ଚ 25, 2021**

ମାନ୍ୟବର ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନିମନ୍ତ୍ରଣ କ୍ରମେ ମୁଁ 26-27 ମାର୍ଚ୍ଚ 2021 ରେ ବାଙ୍ଗଲାଦେଶ ଗସ୍ତ କରିବି।

ମୁଁ ଖୁସି ଯେ କୋଭିଡ-19 ମହାମାରୀ ଆରମ୍ଭ ହେବା ପରେ ମୋର ପ୍ରଥମ ବିଦେଶ ଗସ୍ତ ଆମର ବନ୍ଧୁତ୍ୱପୂର୍ଣ୍ଣ ପଡୋଶୀ ଦେଶକୁ ହେବ ଯାହା ସହିତ ଭାରତର ଗଭୀର ସାଂସ୍କୃତିକ, ଭାଷାଭିତ୍ତିକ ଏବଂ ଲୋକ ସମ୍ପର୍କ ଅଛି।

ଆସନ୍ତାକାଲି ଜାତୀୟ ଦିବସ ସମାରୋହରେ ମୁଁ ଅଂଶଗ୍ରହଣ କରିବାକୁ ଅପେକ୍ଷାରତ ଅଛି ଯେଉଁଠାରେ ବାଙ୍ଗଲାଦେଶର ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ମଧ୍ୟ ପାଳନ କରାଯିବ। ଗତ ଶତାବ୍ଦୀର ମହାନ୍ ନେତାମାନଙ୍କ ମଧ୍ୟରୁ ବଙ୍ଗବନ୍ଧୁ ଅନ୍ୟତମ ଥିଲେ ଯାହାଙ୍କର ଜୀବନ ଏବଂ ଆଦର୍ଶ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ। ତାଙ୍କୁ ସମ୍ମାନ ଜଣାଇବା ପାଇଁ ମୁଁ ତୁଙ୍ଗିପଡାସ୍ଥିତ ତାଙ୍କର ସମାଧି ପରିଦର୍ଶନ କରିବାକୁ ଅପେକ୍ଷା କରିଛି।

ପୌରାଣିକ ପରମ୍ପରା ଅନୁଯାୟୀ 51 ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପ୍ରାଚୀନ ଯଶୋରେଶ୍ୱରୀ କାଳୀ ମନ୍ଦିରରେ ମୁଁ ଦେବୀ କାଳୀଙ୍କ ନିକଟରେ ପ୍ରାର୍ଥନା କରିବାକୁ ମଧ୍ୟ ଅପେକ୍ଷା କରିଛି।

ମୁଁ ବିଶେଷ ଭାବରେ ଓରାକାଣ୍ଡିର ମତୁଆ ସମୁଦାୟର ପ୍ରତିନିଧୀଙ୍କ ସହିତ ବାର୍ତ୍ତାଳାପ କରିବି ଯେଉଁଠାରେ ଶ୍ରୀ ଶ୍ରୀ ହରିଚନ୍ଦ୍ର ଠାକୁରଜୀ ଧାର୍ମିକ ପବିତ୍ର ସନ୍ଦେଶ ପ୍ରଦାନ କରିଥିଲେ।

ଗତ ବର୍ଷ ଡିସେମ୍ବରରେ ଆମର ଅତ୍ୟନ୍ତ ଫଳପ୍ରଦ ଭର୍ଚୁଆଲ୍ ବୈଠକ ପରେ ମୁଁ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବି। ମୁଁ ମାନ୍ୟବର ରାଷ୍ଟ୍ରପତି ଅବଦୁଲ ହମିଦଙ୍କ ସହ ମୋର ସାକ୍ଷାତ ଏବଂ ବାଙ୍ଗଲାଦେଶର ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ପାଇଁ ମଧ୍ୟ ଅପେକ୍ଷାରତ ଅଛି।

ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ବାଙ୍ଗଲାଦେଶର ଉଲ୍ଲେଖନୀୟ ଅର୍ଥନୈତିକ ତଥା ବିକାଶମୂଳକ ପଦକ୍ଷେପ ପାଇଁ ତାଙ୍କର ପ୍ରଶଂସା କରିବା ପାଇଁ ମୋର ଗସ୍ତ କେବଳ ଏକ ସୁଯୋଗ ଦେବ ନାହିଁ ବରଂ ଏହି ସଫଳତା ପାଇଁ ଭାରତର ନିରନ୍ତର ସମର୍ଥନର ପ୍ରତିବଦ୍ଧତାକୁ ଦୋହରାଇବ। କୋଭିଡ-19 ବିରୋଧରେ ଲଢିବା ପାଇଁ ବାଙ୍ଗଲାଦେଶକୁ ମୁଁ ଭାରତର ସମର୍ଥନ ମଧ୍ୟ ଜଣାଇବି।

**ନୂଆଦିଲ୍ଲୀ**
**ମାର୍ଚ୍ଚ 25, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.